### ବାଲେଶ୍ୱର ଜିଲ୍ଲାରେ ଦିନକୁ ଦିନ ବୃଦ୍ଧି ପାଉଛି ଅପରାଧ

# ଗୋଟିଏ ବର୍ଷରେ ରୁଜୁ ହୋଇଛି ୯ ହଜାରରୁ ଅଧିକ ମାମଲା

ବାଲେଶ୍ୱର,୮।୪(ସମିସ)

ବାଲେଶ୍ୱର ଜିଲ୍ଲାରେ ଅପରାଧ ହାର ବୃଦ୍ଧି ପାଇବାରେ ଲାଗିଛି। ଗୋ ଚାଲାଣ ଠାରୁ ଆରମ୍ଭ ଚୋରି ଛିନ୍ତାଇ, ଡକାୟତି ଆଦି ବିଭିନ୍ନ ପ୍ରକାର ଅପରାଧମୂଳକ କାର୍ଯ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏପରିକି ଜିଲ୍ଲାର ବିଭିନ୍ନ ଥାନାମାନଙ୍କରେ ପ୍ରତିବର୍ଷ ଅଧିକ ଅଧିକ ମାମଲା ମଧ ରୁଜୁ ହେଉଛି। ହେଲେ କେତେ ମାମଲାର ଅଭିଯୁକ୍ତ ଧରାପଡୁଥିବା ବେଳେ କେତେ ମାମଲା ଶେଷ ହୋଇଛି ତାହା ମଧ କହିବା ମୁସ୍କିଲ। ୨୦୨୩ ମସିହା ତୁଳନାରେ ୨୦୨୫ମସିହାରେ ଜିଲ୍ଲା ମାମଲାର ହାର ବୃଦ୍ଧି ପାଇବାରେ ଲାଗିଛି। ୨୦୨୩ ମସିହାରେ ଜିଲ୍ଲାରେ ମୋଟ ୭୭୩୭ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ ମସିହାରେ ତାହା ବୃଦ୍ଧି ପାଇଁ ୯୩୦୭ରେ ପହଁଚିଛି। ଯାହା ସ୍ପଷ୍ଟ କରୁଛି ଯେ ଜିଲ୍ଲାରେ କ୍ରାଇମ ହାର ବୃଦ୍ଧି ପାଇଛି।

ମିଳିଥିବା ସୂଚନା ଅନୁସାରେ,୨୦୨୩ ମସିହାରେ ଜିଲ୍ଲାରେ ୧୧୩୩ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୪ମସିହାରେ ତାହା ବୃଦ୍ଧି ପାଇ ୮୦୯୪ହୋଇଥିଲା। ତେବେ ୨୦୨୫ମସିହାରେ ତାହା ୯୩୦୭ରେ ପହଁଚିଛି। ତେବେ ଦେଖିବାକୁ ଗଲେ ଟାଉନଥାନାରେ ୨୦୨୩ମସିହାରେ ୩୮୩ଟି ମାମଲା ହୋଇଥିବା ବେଳେ ୨୦୨୪ରେ ୪୪୪ ଏବଂ ୨୦୨୫ରେ ୪୪୮ଟି ମାମଲା ହୋଇଛି। ସେହିପରି ସହଦେବଖୁଣ୍ଟା ଥାନାରେ ୨୦୨୩ ମସିହାରେ ୫୩୧ଟି ମାମଲା ହୋଇଥିବା ବେଳେ ୨୦୨୪ରେ ୪୯୨ଏବଂ ୨୦୨୫ରେ ୫୦୯ଟି ମାମଲା ହୋଇଛି।

ସେହିପରି ସଦର ଥାନାରେ ୨୦୨୩ମସିହାରେ ୩୮୭ଟି ମାମଲା ହୋଇଥିବା ବେଳେ ୨୦୨୪ରେ ୫୨୦ଏବଂ ୨୦୨୫ରେ ୬୩୦ଟି ମାମଲା ହୋଇଛି। ସେହିପରି ଖନ୍ତାପଡାଥାନାରେ ୨୦୨୩ମସିହାରେ ୩୧୨ଟି ମାମଲା ହୋଇଥିବା ବେଳେ ୨୦୨୪ରେ ୩୫୪ଏବଂ ୨୦୨୫ରେ ୪୦୭ଟି ମାମଲା ହୋଇଛି। ସେହିପରି ଗୋପାଳପୁର ଥାନାରେ ୨୦୨୩ମସିହାରେ ୨୫୭ଟି ମାମଲା ହୋଇଥିବାବେଳେ ୨୦୨୪ରେ ୨୪୧ଏବଂ ୨୦୨୫ରେ ୨୨୫ଟି ମାମଲା ହୋଇଛି। ସେହିପରି ଶିଳ୍ପାଞ୍ଚଳ ଥାନାରେ ୨୦୨୩ମସିହାରେ ୨୬୪ଟି ମାମଲା ହୋଇଥିବା ବେଳେ ୨୦୨୪ରେ ୨୩୯ଏବଂ ୨୦୨୫ରେ ୩୧୭ଟି ମାମଲା ହୋଇଛି। ସେହିପରି ସୋର ଥାନାରେ ୨୦୨୩ ମସିହାରେ ୯୪୩ଟି ମାମଲା ହୋଇଥିବା ବେଳେ ୨୦୨୪ରେ ୧୦୯୦ଏବଂ ୨୦୨୫ରେ ୧୧୨୦ଟି ମାମଲା ହୋଇଛି। ସେହିପରି ସିମୁଳିଆ ଥାନାରେ ୨୦୨୩ମସିହାରେ ୪୩୭ଟି ମାମଲା ହୋଇଥିବା ବେଳେ ୨୦୨୪ରେ ୪୩୭ଏବଂ ୨୦୨୫ରେ ୬୨୨ଟି ମାମଲା ହୋଇଛି। ସେହିପରି ଚାନ୍ଦିପୁର ଥାନାରେ ୨୦୨୩ମସିହାରେ ୧୩୯ଟି ମାମଲା ହୋଇଥିବା ବେଳେ ୨୦୨୪ରେ ୧୩୭ଏବଂ ୨୦୨୫ରେ ୨୦୨ଟି ମାମଲା ହୋଇଛି। ସେହିପରି ବଳରାମଗଡି ମେରାଇନ ଥାନାରେ ୨୦୨୩ମସିହାରେ ୫୨ଟି ମାମଲା ହୋଇଥିବା ବେଳେ ୨୦୨୪ରେ ୫୩ଏବଂ ୨୦୨୫ରେ ୭୨ଟି ମାମଲା ହୋଇଛି। ସେହିପରି ବସ୍ତା ଥାନାରେ ୨୦୨୩ମସିହାରେ ୪୦୮ଟି ମାମଲା ହୋଇଥିବା ବେଳେ ୨୦୨୪ରେ୨୭୪ଏବଂ ୨୦୨୫ରେ ୫୭୬ଟି ମାମଲା ହୋଇଛି। ସେହିପରି ରୁପସା ଥାନାରେ୨୦୨୩ମସିହାରେ ୧୨୧ଟି ମାମଲା ହୋଇଥିବା ବେଳେ ୨୦୨୪ରେ ୧୦୦ଏବଂ ୨୦୨୫ରେ ୧୪୯ଟି ମାମଲା ହୋଇଛି। ସେହିପରି ସିଂଲା ଥାନାରେ ୨୦୨୩ ମସିହାରେ ୨୭୨ଟି ମାମଲା ହୋଇଥିବା ବେଳେ ୨୦୨୪ରେ ୨୨୩ଏବଂ ୨୦୨୫ରେ ୩୧୬ଟି ମାମଲା ହୋଇଛି। ସେହିପରି ବାଲିଆପାଳ ଥାନାରେ୨୦୨୩ମସିହାରେ ୩୫୬ଟି ମାମଲା ହୋଇଥିବା ବେଳେ ୨୦୨୪ ରେ ୩୨୧ଏବଂ ୨୦୨୫ରେ ୪୧୦ଟି ମାମଲା ହୋଇଛି। ସେହିପରି କଶାଫଳ ମେରାଇନ ଥାନାରେ ୨୦୨୩ମସିହାରେ ୪୩ଟି ମାମଲା ହୋଇଥିବା ବେଳେ ୨୦୨୪ରେ ୭୩ଏବଂ ୨୦୨୫ରେ ୪୨ଟି ମାମଲା ହୋଇଛି। ସେହିପରି ଜଳେଶ୍ୱର ଥାନାରେ ୨୦୨୩ମସିହାରେ ୫୯୨ଟି ମାମଲା ହୋଇଥିବା ବେଳେ ୨୦୨୪ରେ ୬୫୦ଏବଂ ୨୦୨୫ରେ ୬୫୩ଟି ମାମଲା ହୋଇଛି। ସେହିପରି ଭୋଗରାଇ ଥାନାରେ ୨୦୨୩ ମସିହାରେ ୫୦୨ଟି ମାମଲା ହୋଇଥିବା ବେଳେ ୨୦୨୪ରେ ୫୬୭ଏବଂ ୨୦୨୫ରେ ୪୦୩ଟି ମାମଲା ହୋଇଛି। ସେହିପରି କମର୍ଦ୍ଦା ଥାନାରେ ୨୦୨୩ ମସିହାରେ ୧୫୯ଟି ମାମଲା ହୋଇଥିବା ବେଳେ ୨୦୨୪ରେ ୧୮୮ ଏବଂ ୨୦୨୫ରେ ୨୩୪ଟି ମାମଲା ହୋଇଛି। ସେହିପରି ରାଇବଣିଆ ଥାନାରେ ୨୦୨୩ ମସିହାରେ ୧୨୩ଟି ମାମଲା ହୋଇଥିବା ବେଳେ ୨୦୨୪ରେ ୧୭୦ଏବଂ ୨୦୨୫ରେ ୧୬୦ଟି ମାମଲା ହୋଇଛି। ସେହିପରି ତାଳସାରୀ ମେରାଇନ ଥାନାରେ ୨୦୨୩ ମସିହାରେ୧୦୬ଟି ମାମଲା ହୋଇଥିବା ବେଳେ ୨୦୨୪ରେ ୧୨୦ ଏବଂ ୨୦୨୫ରେ ୧୪୨ଟି ମାମଲା ହୋଇଛି। ସେହିପରି ନୀଳଗିରି ଥାନାରେ ୨୦୨୩ ମସିହାରେ ୪୧୪ଟି ମାମଲା ହୋଇଥିବା ବେଳେ ୨୦୨୪ରେ ୪୨୨ଏବଂ ୨୦୨୫ରେ ୫୬୧ଟି ମାମଲା ହୋଇଛି। ସେହିପରି ରେମୁଣା ଥାନାରେ ୨୦୨୩ ମସିହାରେ୨୪୩ଟି ମାମଲା ହୋଇଥିବା ବେଳେ ୨୦୨୪ରେ ୨୨୫ ଏବଂ ୨୦୨୫ରେ ୨୪୦ଟି ମାମଲା ହୋଇଛି। ସେହିପରି ଖଇରା ଥାନାରେ୨୦୨୩ ମସିହାରେ୩୭୧ଟି ମାମଲା ହୋଇଥିବା ବେଳେ ୨୦୨୪ରେ ୨୭୫ ଏବଂ ୨୦୨୫ରେ ୪୦୯ଟି ମାମଲା ହୋଇଛି। ସେହିପରି ବରହମପୁର ଥାନାରେ ୨୦୨୩ ମସିହାରେ ୧୪୮ଟି ମାମଲା ହୋଇଥିବା ବେଳେ ୨୦୨୪ରେ ୧୭୭ ଏବଂ ୨୦୨୫ରେ ୧୭୮ଟି ମାମଲା ହୋଇଛି। ସେହିପରି ଔପଦା ଥାନାରେ ୨୦୨୩ ମସିହାରେ ୧୪୩ଟି ମାମଲା ହୋଇଥିବା ବେଳେ ୨୦୨୪ରେ ୨୫୧ ଏବଂ ୨୦୨୫ରେ ୨୨୭ଟି ମାମଲା ହୋଇଛି। ସେହିପରି ସାଇବର ଥାନାରେ ୨୦୨୩ ମସିହାରେ୨୭ଟି ମାମଲା ହୋଇଥିବା ବେଳେ ୨୦୨୪ରେ ୫୧ ଏବଂ ୨୦୨୫ରେ ୫୫ଟି ମାମଲା ହୋଇଛି। ତେବେ ୨୦୨୩ ମସିହାରେ ଜିଲ୍ଲାରେ ମୋଟ ୭୭୩୩ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୪ରେ ୮୦୯୪ଟି ମାମଲା ଏବଂ ୨୦୨୫ରେ ୯୩୦୭ ମାମଲା ରୁଜୁ ହୋଇଛି। ତେବେ ୨୦୨୩ ଏବଂ ୨୦୨୫ ରିପୋର୍ଟକୁ ଦେଖିଲେ ଜିଲ୍ଲାରେ ୧୫୭୪ଟି ମାମଲା ଅଧିକ ରୁଜୁ ହୋଇଛି। ଏ ନେଇ ଏସପି ପ୍ରତ୍ୟୁଷ ଦିୱାକର କହିଛନ୍ତି ଯେ, ବିଭିନ୍ନ ଥାନାରେ ବୃଦ୍ଧି ପାଉଥିବା ମାମଲା ଗୁଡିକୁ ସଠିକ ଭାବେ ତଦନ୍ତ କରାଯାଉଛି। ଜିଲ୍ଲାରେ ଅପରାଧିକ କାର୍ଯ୍ୟକଳାପ କମାଇବା ପାଇଁ ବିଭିନ୍ନ ପ୍ରକାର ଯୋଜନା ମଧ ପ୍ରସ୍ତୁତ କରାଯାଉଛି।

## ୨୬ ଗ୍ୟାସ୍ ଟାଙ୍କି ଓ ୬ ଚୁଲା ଜବତ

ସିମୁଳିଆ, ୮।୪ (ସମିସ): ବେଆଇନ ଭାବେ ଗ୍ୟାସ କାରବାର ବୁଧବାର ଦିନ ଯୋଗାଣ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଖାଲି ଟାଙ୍କି ଓ ଚୁଲା ଜବତ କରିଛି। ସୂଚନାରୁ ପ୍ରକାଶ ବୁଧବାର ଏକ ବେଆଇନ ଗ୍ୟାସ ଗୋଦାମ ଉପରେ ଯୋଗାଣ ବିଭାଗ ଚଢ଼ଉ କରିଛି। ବାଲେଶ୍ୱର ଅତିରିକ୍ତ ଯୋଗାଣ ଅଧିକାରୀ ବୁଦ୍ଧଦେବ ଜେନାଙ୍କ



ନେତୃତ୍ୱରେ ହୋଇଥିବା ଏହି ଚଢ଼ଉରେ ସିମୁଳିଆ ଥାନା ଅନ୍ତର୍ଗତ ଜାମ୍ବୁଝାଡ଼ି ଛକ ନିକଟରେ ଥିବା ଅମ୍ବିକା ସୁଇଟ୍ସ ଦୋକାନରୁ ୫ଟି ଘରୋଇ ଖାଲି ଟାଙ୍କି ଜବତ କରିଥିଲେ । ଏଥି ସହିତ ଜାମ୍ବୁଝାଡ଼ି ଝାଟିଆମାଳ ବଜାରରେ ଏକ ଗୋଦାମ ଘର ଉପରେ ଚଢ଼ଉ କରି ସେଠାରୁ ୧୯ଟି ଘରୋଇ ଖାଲି ସିଲିଣ୍ଡର ଓ ଦୁଇଟି କମରସିଆଲ ଟାଙ୍କି ଓ ୬ଟି ଚୁଲା ଜବତ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି କଲେକ୍ଟର ସସ୍ମିତା ମୁର୍ମୁ, ସିମୁଳିଆ ତହସିଲଦାର ସୌମ୍ୟରଞ୍ଜନ ମହାପାତ୍ର, ବାଲେଶ୍ୱର ସଦର ଯୋଗାଣ ନିରୀକ୍ଷକ ସୁଶାନ୍ତ କୁମାର ସାହୁ, ରେମୁଣାର ରାଜ କୁମାର ସିଂ, ବାହାନଗାର ରାକେଶ କୁମାର ପାତ୍ର,ସିମୁଳିଆର ଅଜୟ କୁମାର ଦାସ, ଜାମ୍ବୁଝାଡ଼ି ରାଜସ୍ୱ ନିରୀକ୍ଷିକା ସରସୀ ମହାନ୍ତି ସମେତ ସିମୁଳିଆ ପୁଲିସ ଏହି ଚଢ଼ଉରେ ସାମିଲ ଥିଲେ ।

## କାଳବୈଶାଖୀ ପ୍ରଭାବରେ ଚାଷ କ୍ଷତିଗ୍ରସ୍ତ

ରାଜଘାଟ, ୮।୪ (ସମିସ): ବସ୍ତା ବ୍ଲକ ଅଞ୍ଚଳରେ ଗତ କିଛି ଦିନ ହେବ ଦିନରେ ଶୁଖିଲା ପାଗ ସଂଧ୍ୟା ହେଲେ କାଳବୈଶାଖୀ ଜନିତ ବର୍ଷା ପ୍ରଭାବ ଲାଗି ରହୁଛି। ମଙ୍ଗଳବାର ସନ୍ଧ୍ୟାରେ କାଳବୈଶାଖୀ ଜନିତ ଘଡଘଡି ସାଙ୍ଗକୁ ପବନ ଓ ବର୍ଷା ଲାଗି ରହିଥିବାରୁ ଅମର୍ଦାରୋଡ ନଟାକଟା ପଞ୍ଚାୟତ ସମେତ ବସ୍ତା ବ୍ଲକ ଅଞ୍ଚଳରେ ବଜାର ଓ ଗାଁ ଗୁଡିକରେ କୃତିମ ବନ୍ୟା ସୃଷ୍ଟି ହୋଇଥିବାରୁ ପଥଚାରୀଠାରୁ ଆରମ୍ଭ କରି ଯାନବାହାନ ଚଳାଚଳ କରିବାରେ ଘୋର ଅସୁବିଧାର ସମ୍ମୁଖିନ ହେଉଥିବା ବେଳେ ଅଦିନିଆ ବର୍ଷା ଯୋଗୁଁ ଅମର୍ଦାରୋଡ ଷ୍ଟେସନ ଯିବା ବର୍ତ୍ତମାନର ମୁଖ୍ୟରାସ୍ତା ଅଣ୍ଟୁଏ ପାଣି ଜମି ରହିଥିବାରୁ ଯାତ୍ରୀମାନେ ଯାତାୟତରେ ଘୋର ଅସୁବିଧାର ସମ୍ମୁଖିନ ହେଉଥିବା ଦେଖିବାକୁ ମିଳିଛି। ଷ୍ଟେସନ ଭିତରକୁ ଯିବାକୁ ହେଲେ ଆଣ୍ଟୁଏ ପାଣି ଭିତରେ ପଶି ଯିବାକୁ ପଡୁଥିବାରୁ ଯାତ୍ରୀ ଓ ସ୍ଥାନୀୟ ଲୋକେ ଅସନ୍ତୋଷ ଦେଖିବାକୁ ମିଳୁଛି। କାରଣ ଡ୍ରେନେଜ ବ୍ୟବସ୍ଥା ସୁଦୃଢ଼ ନ ଥିବାରୁ ଏବଂ ଡ୍ରେନେଜ ନକରି ବିଭିନ୍ନ ରାସ୍ତା କରୁଥିବାରୁ ଅସରାଏ ବର୍ଷାରେ ଜଳ ନିଷ୍କାସନ ହୋଇ ନ ପାରିବାରୁ ବର୍ଷା ହେଲେ ବର୍ଷା ପାଣି ଦୀର୍ଘ ସମୟ ରାସ୍ତା ଉପରେ ଲହଡ଼ି ମାରୁ ଥିବାରୁ ଲୋକମାନଙ୍କ ଯାତାୟତରେ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏଥିରୁ ସ୍ପଷ୍ଟ ବାରି ହେଉଛି କି ଯେ, ବ୍ଲକ ଓ ରେଳବାଇ କର୍ତ୍ତୃପକ୍ଷ ମନଇଚ୍ଛା କାମ କରୁଥିବାରୁ ରାସ୍ତା କାମ ଯେଭଳି ହେବା କଥା ତାହା ହୋଇପାରୁନି। ବିଶେଷ କରି ଅମର୍ଦାରୋଡ ଷ୍ଟେସନ ବାଜାର ଏକ ବ୍ୟସ୍ତ ବହୁଳ ହୋଇଥିବା ବେଳେ ଷ୍ଟେସନକୁ ଯିବା ରାସ୍ତା କଂକ୍ରିଟ ରାସ୍ତା ଓ ଡ୍ରେନ କରିବାର ଆବଶ୍ୟକତା ରହିଛି। ସେହିପରି ବସ୍ତା ବ୍ଲକ ବିଭିନ୍ନ ଅଞ୍ଚଳ ସମେତ ଅମର୍ଦାରୋଡ ରାସ୍ତା କାର୍ଯ୍ୟର ଅଗ୍ରଗତି ଓ କାର୍ଯ୍ୟର ମାନ ତଦାରଖ କରିବା ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ରେଳବାଇ ପ୍ରଶାସନ ରହିଥିବା ବେଳେ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇବା ସଦୃଶ ମନେ ହେଉଛି। କାଳବୈଶାଖୀ ବର୍ଷା ଓ ପବନ ଯୋଗୁଁ ପନିପରିବା ଚାଷ ଓ ମୁଗ,ବିରି ଓ ଖରାଟିଆ ଚାଷ କ୍ଷତି ଗ୍ରସ୍ତ ହୋଇଛି। କାଳବୈଶାଖୀ ବର୍ଷା ଏପରି ଯଦି ଲାଗିରୁହେ ତେବେ ଚାଷ ଅଧିକ କ୍ଷତି ହେବାର ଆଶଙ୍କା ରହିଛି। ଏ ନେଇ ଚିନ୍ତାରେ ଚାଷୀ।

## 'ଜୀବନ ଅମୃତ' ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ବାଲେଶ୍ୱର, ୮।୪(ସମିସ): ସହରର ସୌନ୍ଦର୍ଯ୍ୟ ବୃଦ୍ଧି ତଥା ପରିବେଶ ସୁରକ୍ଷା



ପାଇଁ 'ଜୀବନ ଅମୃତ' ସଂଗଠନ ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସହରର ଫାଣ୍ଡି ଛକରୁ ଷ୍ଟେସନ ଛକ ପର୍ଯ୍ୟନ୍ତ ଥିବା ରୋଡ୍ ଡିଭାଇଡରରେ ଏହି ବୃକ୍ଷରୋପଣ କରାଯାଉଛି। ସଂଗଠନର ସଭାପତି ସତ୍ୟ ରଞ୍ଜନ ଦାସଙ୍କ ସୂଚନା ଅନୁସାରେ, ପୂର୍ବରୁ ଲଗାଯାଇଥିବା ଗଛଗୁଡ଼ିକ ଡିଭାଇଡର ତଳେ କଂକ୍ରିଟ୍ ଓ ପିଚୁ ଥିବାରୁ ମରିଯାଉଥିଲା। ଏହାର ସମାଧାନ ପାଇଁ ଏଥର ମେସିନ୍ ସାହାଯ୍ୟରେ ଡିଭାଇଡର ଭିତରୁ କଂକ୍ରିଟ୍ ବାହାର କରାଯାଇ ଗଭୀର ଗାତ କରାଯାଇଛି। ଗଛର ଚେର ଯେପରି ମାଟି ଭିତରକୁ ଯାଇପାରିବ, ସେଥିପାଇଁ ଉପଯୁକ୍ତ ମାଟି ଓ ଖତର ପ୍ରୟୋଗ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ପୂର୍ବତନ ବିଧାୟକ ସ୍ୱରୂପ ଦାସ, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ବାଲେଶ୍ୱର ପୌରପାଳିକା ଅଧକ୍ଷା ସୁଜାତା ଦାସ ଏବଂ ସଂଜୀବ ଗିରି, ଶରତ ଲେଙ୍କା, ରଶ୍ମିରେଖା ଦେବ ପ୍ରମୁଖ ସାମିଲ ହୋଇଥିଲେ।

### ● ମହେଶପୁର ଉନ୍ନୀତ ଉପ୍ରା ବିଦ୍ୟାଳୟର ଶତ ବାର୍ଷିକୀର ଦ୍ୱିତୀୟ ସନ୍ଧ୍ୟା

## 'ମାତୃଶକ୍ତି ହେଉଛନ୍ତି ଉନ୍ନତ ରାଷ୍ଟ୍ର ଗଠନର ବିନ୍ଧାଣୀ'

ଭୋଗରାଇ, ୮।୪ (ସମିସ) : ମାତୃଶକ୍ତି ହେଉଛନ୍ତି ଉନ୍ନତ ରାଷ୍ଟ୍ର ଗଠନର ବିନ୍ଧାଣୀ। ମା' ମାନେ ଶିକ୍ଷିତ ଓ ମାର୍ଜିତ ହେଲେ ପିଲାକୁ ଉଚିତ୍ ଦିଗଦର୍ଶନ ଦେଇ ପାରିବେ। ଫଳରେ ସନ୍ତାନ ସନ୍ତତିଙ୍କ ଭବିଷ୍ୟତ ଉଜ୍ୱଳମୟ ହେବ ବୋଲି ଭୋଗରାଇ ବ୍ଲକ ମହେଶପୁର ଉନ୍ନୀତ ଉପ୍ରା ବିଦ୍ୟାଳୟର ଶତବାର୍ଷିକୀ ସମାରୋହର ଦ୍ୱିତୀୟ ସନ୍ଧ୍ୟାରେ ଯୋଗ ଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଶତବାର୍ଷିକୀ ଉତ୍ସବ ପାଳନ କମିଟିର ସଭାପତି ପ୍ରଦୀପ କୁମାର ନାୟକ ସଭାରେ ଅଧକ୍ଷତା କରିଥଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇ ଉପରୋକ୍ତ ବକ୍ତବ୍ୟ ରଖିବା ସହ ଶ୍ରଦ୍ଧାବାନ୍ ବ୍ୟକ୍ତି ଜ୍ଞାନ ଲାଭର ଅଧିକାରୀ, ଏକାଗ୍ରତାର ଅଭ୍ୟାସ ହିଁ ଜ୍ଞାନ



ଆହରଣର ମାଧ୍ୟମ ବୋଲି କହିଥିଲେ। ମୁଖ୍ୟବକ୍ତା ଓ ସମ୍ବର୍ଦ୍ଧିତ ପ୍ରତିଭା ଭାବେ ସୁନାମଧନ୍ୟ ଚିକିତ୍ସକ ଡାକ୍ତର ଶ୍ରୀଶ କୁମାର ଦାଶ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଭୋଗରାଇ ସାଂସଦ ପ୍ରତିନିଧି ଆଶିଷ ପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଶାନ୍ତ ମହାରଣା ଓ ସ୍ଥାନୀୟ ସରପଞ୍ଚ ବରେନ୍ଦ୍ର ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଦିଲ୍ଲୀପ ପାତ୍ର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଡାକ୍ତର ଶ୍ରୀ ଦାଶ, ପୂର୍ବତନ ସରପଞ୍ଚ ଲକ୍ଷ୍ମୀକାନ୍ତ ଦତ୍ତ, ଅଧ୍ୟାପକ ଡ. ସତୀଶ ପଟ୍ଟନାୟକ, କ୍ରୀଡାବିତ୍ ସୁନୀଲ ପାତ୍ର ଓ ପ୍ରତିମା ଦତ୍ତଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ମମତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟକୁ ନିଜ ପାଣ୍ଠିରୁ ୫ଲକ୍ଷ ଅର୍ଥ ରାଶି ସହାୟତା ଦେବେ ବୋଲି ସାଂସଦ ଘୋଷଣା କରିଥିଲେ।

## ସୋମନାଥପୁରରେ ଛପନ ମାଦଳ ମହୋତ୍ସବ ଉଦ୍‌ଯାପିତ

ରେମୁଣା,୮।୪ (ସମିସ): ରେମୁଣା ଏନଏସି ଅନ୍ତର୍ଗତ ୧୩ ନମ୍ବର ୱାର୍ଡ ସୋମନାଥପୁର ବଜାର ଛକରେ ପ୍ରତିବର୍ଷ ପରି ଚଳିତ ବର୍ଷରେ ୩ ଦିନ ଧରି ଛପନ ମାଦଳ ମହୋତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ଗତ ୩ ତାରିଖରେ ଉଦଘାଟନ ହୋଇ ୫ ତାରିଖରେ ଉଦଯାପିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ୪ ଦଳ କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ମେଳି କାର୍ଯ୍ୟକ୍ରମ ସହିତ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମାରେ ଉକ୍ତ ଶ୍ରଦ୍ଧାଳୁଙ୍କ ସମାବେଶ ସମସ୍ତଙ୍କୁ ଆକର୍ଷିତ କରିଥିବାବେଳେ ୩୨ ବେଶ ଜଗନ୍ନାଥ ପ୍ରଭୁଙ୍କ ଦର୍ଶନ ସହିତ ସକାଳ ୭ ଟାରୁ ରାତ୍ରି ୧୨ ଟା ପର୍ଯ୍ୟନ୍ତ ୪ କୀର୍ତନ ମଣ୍ଡଳୀଙ୍କ ନାମ ସଂକୀର୍ତ୍ତନ, ବିଭିନ୍ନ ଭାବ ଭଙ୍ଗୀରେ ନୃତ୍ୟ ସଂକୀର୍ତନ ପରିବେଶକୁ ଏକ ଆଧ୍ୟାକିକ ଭାବ ଗମ୍ଭୀର ପରିବେଶ ଭକ୍ତଙ୍କ ମଧ୍ୟରେ ସୃଷ୍ଟି କରିଥିବା ବେଳେ ୩ ଦିନ ଧରି ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରରୁ ହଜାର ହଜାର ଭକ୍ତ ଶ୍ରଦ୍ଧାଳୁଙ୍କ ସମାବେଶରେ ଭାଇଚାରା ସୃଷ୍ଟି କରିଥିବାର ଲକ୍ଷ୍ୟ କରାଯାଇଛି। ଏହି ଉତ୍ସବ ସୋମନାଥପୁର ଛପନ ମାଦଳ କମିଟି ଆନୁକୂଲ୍ୟରେ ୩ ଦିନଧରି ଅନୁଷ୍ଠିତ ହୋଇ ଉଦଯାପିତ ହୋଇଯାଇଛି ଛ ଉତ୍ସବରେ ଶାନ୍ତି ଶୃଙ୍ଖଳା ନିମନ୍ତେ କମିଟିର ସ୍ୱେଚ୍ଛାସେବୀ ଓ କର୍ମକର୍ତ୍ତାଙ୍କ ସହିତ ଶିଳ୍ପାଞ୍ଚଳ ଥାନାର ପୁଲିସ ବାହିନୀ ନିୟୋଜିତ ରହି ଶୃଙ୍ଖଳା ଦିଗରେ ଦୃଷ୍ଟି ଦିଆଯାଇଥିଲା।

## ଶ୍ରୀନନ୍ଦିକେଶ୍ୱର ମହାଦେବଙ୍କ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ

ସୋର, ୮।୪(ସମିସ): ସୋର ବ୍ଲକ ଅର୍ନ୍ତଗତ ନଦୀଗାଁସ୍ଥିତ ଶ୍ରୀ ଶ୍ରୀ ନନ୍ଦିକେଶ୍ୱର ମହାଦେବଙ୍କ ପୀଠରେ ୪୮ ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ତିନିଦିନ ବ୍ୟାପି ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସୋମବାର ଦିନ ଶ୍ରୀଶ୍ରୀ ନନ୍ଦିକେଶ୍ୱରଙ୍କ ପୀଠରେ ବ୍ରତଧାରୀମାନଙ୍କ ଦ୍ୱାରା ଅଧିବାସ ହୋଇ ଯଜ୍ଞ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ ହେବା ନିମନ୍ତେ ପୂଜାର୍ଚ୍ଚନା କରାଯାଇଥିଲା। ମଙ୍ଗଳବାର ଦିନ ପ୍ରତ୍ୟୁଷରୁ ଘଟତ୍ତୋଳନ କରାଯାଇ ୧୦ ଜଣ କର୍ମକାଣ୍ଡ ବେଦ ବିଶେଷଜ୍ଞ ବ୍ରାହ୍ମଣଙ୍କ ଦ୍ୱାରା ନୀତିକାନ୍ତୀ ଅନୁସାରେ ଯଜ୍ଞ କର୍ମ କରାଯାଇଥିଲା। ମୁଖ୍ୟ ପୂଜକ ଗଙ୍ଗାଧର ତ୍ରିପାଠୀଙ୍କ ସହିତ ପ୍ରଧାନ ହୋତା, ପିତାମ୍ବର ଦାଶ, ଶିବ ପୂଜକ ସୁଶାନ୍ତ ମିଶ୍ର, ନବ କିଶୋର ମିଶ୍ର, ପୁସ୍ତକାଚାର୍ଯ୍ୟ ପ୍ରାଣବନ୍ଧୁ ପଣ୍ଡା, ଚଣ୍ଡୀ ପାଠକ ଅଶୋକା ନନ୍ଦ ଦାଶ ଓ ଜଗନ୍ନାଥ ପଣ୍ଡା, ଗୀତାପାଠ ରବୀନ୍ଦ୍ର ପଣ୍ଡାଙ୍କ ଦ୍ୱାରା କରାଯାଇଥିଲା। ବୁଧବାର ରାତ୍ର ୮ ଘଟିକା ସମୟରେ ପୂର୍ଣ୍ଣାହୁତି ଦିଆଯାଇ ଯଜ୍ଞ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ଗ୍ରାମବାସୀ ମାନଙ୍କର ସହଯୋଗ ସହିତ ରବୀନ୍ଦ୍ର ନାୟକ,ଶଶିକାନ୍ତ ମଲ୍ଲିକ, ବିଶ୍ୱଜିତ ମହାନ୍ତି ଓ ଖଗେଶ୍ୱର ମହାନ୍ତିଙ୍କ ପରିଚାଳନା ରେ ଏହି ଯଜ୍ଞ କାର୍ଯ୍ୟ ସମ୍ପାଦିତ ହୋଇଥିଲା।

## ରେମୁଣାରୁ ବିରଳ 'ହାଡ଼ଗିଳା' ପକ୍ଷୀ ଉଦ୍ଧାର

ବାଲେଶ୍ୱର, ୮।୪ (ସମିସ): ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ଅନ୍ତର୍ଗତ ପତ୍ରିପାଳ ଗ୍ରାମରେ ବିରଳ ହାଡ଼ଗିଳା ପକ୍ଷୀ ଉଦ୍ଧାର ହୋଇଛି। ଗତକାଲି ଅପରାହ୍ନରେ ପ୍ରବଳ ଘୂର୍ଣ୍ଣିଝଡ଼ ହୋଇଥିଲା। ଏବଂ ବର୍ଷା ଛାଡ଼ିବା ପରେ ଗ୍ରାମ ନିକଟସ୍ଥ ଏକ ପଡ଼ିଆରେ ଏହି ବିଶାଳକାୟ ପକ୍ଷୀଟିକୁ ଗ୍ରାମବାସୀ ଅସୁସ୍ଥ ଅବସ୍ଥାରେ ଦେଖିବାକୁ ପାଇଥିଲେ। ପକ୍ଷୀଟିର ଅଦ୍ଭୁତ ଚେହେରା ଓ ଲମ୍ବା ଥଣ୍ଟ ଦେଖି ଲୋକଙ୍କ ମଧ୍ୟରେ କୌତୂହଳ ସୃଷ୍ଟି ହୋଇଥିଲା। ଏହି ପକ୍ଷୀର ଉଚ୍ଚତା ପ୍ରାୟ ୪ ଫୁଟ୍ ଓ ଥଣ୍ଟ



ବହୁତ ବଡ଼ ଓ ଶକ୍ତ। ପକ୍ଷୀଟିକୁ ଦେଖିବା ପାଇଁ ପତ୍ରିପାଳ ଗ୍ରାମରେ ଶତାଧିକ ଲୋକଙ୍କ ଭିଡ଼ ଜମିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବନ ବିଭାଗ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ପକ୍ଷୀଟି ଉଡ଼ିବାକୁ ଅସମର୍ଥ ଥିବା ଦେଖି ବନ ବିଭାଗ ପକ୍ଷରୁ ତାକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ପକ୍ଷୀଟି ହୁଏତ କୌଣସି କାରଣରୁ ଆହତ ହୋଇଛି କିମ୍ବା ଅସୁସ୍ଥତା ଯୋଗୁଁ ସେଠାରେ ପଡ଼ି ରହିଥିଲା। ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ମତରେ, 'ହାଡ଼ଗିଳା' ଏକ ବିରଳ ପ୍ରଜାତିର ପକ୍ଷୀ ଏବଂ ଏମାନେ ସାଧାରଣତଃ ଜନବସତି ଅଞ୍ଚଳରେ ଖୁବ୍ କମ୍ ଦେଖାଯାନ୍ତି। ବର୍ତ୍ତମାନ ଏମାନଙ୍କ ସଂଖ୍ୟା କମି ଯାଉଥିବାରୁ ଆନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଂଘ ଏହାକୁ ବିପଦପୂର୍ଣ୍ଣ ଶ୍ରେଣୀରେ ରଖିଛି। ପରିବେଶ ସନ୍ତୁଳନ ରକ୍ଷା କରିବାରେ ଏହି ପକ୍ଷୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବର୍ତ୍ତମାନ ଉଦ୍ଧାର ପକ୍ଷୀଟି ବନ ବିଭାଗର ତତ୍ତ୍ୱାବଧାନରେ ରହିଛି ଏବଂ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ତାକୁ ପ୍ରାକୃତିକ ବାସସ୍ଥଳୀରେ ଛାଡ଼ି ଦିଆଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

## କଂଗ୍ରେସ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର

ରାଜଘାଟ, ୮।୪ (ସମିସ): ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମଗ୍ର ବାଲେଶ୍ୱର ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ପାଇଁ ଅତ୍ୟଧିକ ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ଦିନ ବହୁ ସଂଖ୍ୟାରେ ରୋଗୀ ଆସନ୍ତି ଚିକିତ୍ସା ପାଇଁ। ଷାଠିଏ ନମ୍ବର ଜାତୀୟ ରାଜପଥରେ ପ୍ରତ୍ୟକ ଦିନ ମର୍ମନ୍ତୁଦ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଅନୁସାରେ ଡାକ୍ତର ନାହାନ୍ତି କିମ୍ବା ନର୍ସ ନାହାନ୍ତି। କୌଣସୀ ପରୀକ୍ଷା ପାଇଁ ଅଲଟ୍ରାସାଉଣ୍ଡ ବ୍ୟବସ୍ଥା ନାହିଁ, କିଛି ଡାକ୍ତରଙ୍କୁ ଦୁଇ ଦିନିଆ ଡ୍ୟୁଟି ଦିଆଯାଇଛି। ଅଧିକାଂଶ ସମୟରେ ରୋଗୀଙ୍କୁ ମେଡିକାଲ କଲେଜକୁ ରେଫର କରା ଯାଉଛି ତେଣୁ ବିଭିନ୍ନ ସମସ୍ୟାରେ ଏହି ଡାକ୍ତରଖାନାଟି ଅଛି ସରକାର କିମ୍ବା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆ ଯାଉନାହିଁ। ତେଣୁ ଆଜି କଂଗ୍ରେସ ପକ୍ଷରୁ ଏକ ପ୍ରତିନିଧି ଦଳ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅମୂଲ୍ୟ କୁମାର ଦାସଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଖୁବ୍‌ଶିଘ୍ର ଏହାର ସମାଧାନ ନହେଲେ ଆମରଣ ଅନଶନ ଦଳ ପକ୍ଷରୁ ହେବ ବୋଲି କୁହାଯାଇଛି। ଏହି ପ୍ରତିନିଧି ଦଳରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରି, ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା, ଜିଲ୍ଲା କଂଗ୍ରେସ ଉପସଭାପତି ସୁଧାଂଶୁ ଶେଖର ଜେନା, ବରିଷ୍ଠ କଂଗ୍ରେସ ନେତା ଗୋପୀନାଥ ପାଢ଼ୀ, ମନୋଜ ମହାନ୍ତି, ପୁର୍ବତନ ସମିତି ସଭ୍ୟ ରବିନ୍ଦ୍ର ଦାସ, ମଦନ ଭକ୍ତା ଓ ଜଗନ୍ନାଥ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ପଦ୍ମଲୋଚନ

ସିମୁଳିଆ, ୮।୪ (ସମିସ): ସିମୁଳିଆ-ଖଇରା ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବାଲେଶ୍ୱର ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ବିଜେପିର ଯୁବନେତା ଡ. ନୀଳମାଧବ ପଣ୍ଡା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।



## ବେଆଇନ ଇଟାଭାଟି ଭାଙ୍ଗିଲା ପ୍ରଶାସନ

ଜଳେଶ୍ୱର ବ୍ଲକ, ୮।୪ (ସମିସ): ବେଆଇନ ନାଲି ଇଟାଭାଟି ଉପରେ ବୁଲିଲା ବୁଲଡୋଜର। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ତହସିଲ ଅନ୍ତର୍ଗତ ଗୋବରଘାଟା ଅଞ୍ଚଳରେ ଥିବା ୩ ଟି ବେଆଇନ ଇଟାଭାଟିକୁ ଉଚ୍ଛେଦ କଲା ପ୍ରଶାସନ। ବିନା ଅନୁମତିରେ ଏହି ଅଞ୍ଚଳରେ ଦୀର୍ଘ ଦିନ ଧରି ଛତୁ ଫୁଟିଲା ଭଳି ବେଆଇନ ନାଲି ଇଟାଭାଟି ଗଢି ଉଠି ଥିବା ବେଳେ ଇଟାଭାଟିରୁ ନିର୍ଗତ ଧୂଆଁରେ ଅତିଷ୍ଠ ହେଉଛନ୍ତି ଅଞ୍ଚଳବାସୀ। ଆଜି ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତିଙ୍କ ନେତୃତ୍ୱରେ ଜଳେଶ୍ୱର ପୁଲିସ ଓ ଅଗ୍ନିଶମ ବାହିନୀଙ୍କ ଉପସ୍ଥିତିରେ ଉଚ୍ଛେଦ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଗୋବରଘାଟା ଅଞ୍ଚଳରେ ଥିବା ପିଙ୍କି, ଓମ୍ ଏବଂ ଖୁସି ଇଟା ଭାଟିକୁ ଉଚ୍ଛେଦ କରାଯାଇ ଥିବା ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ବେଆଇନ ଇଟାଭାଟି ସବୁ ଉଚ୍ଛେଦ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି।



# ରଣସିଂହପୁର ଆଶ୍ରମ ବିଦ୍ୟାଳୟର ସମସ୍ୟା ଦୂର ହେବ କେବେ?

ଚନ୍ଦନେଶ୍ୱର, ୮।୪ (ସମିସ)

ଶିକ୍ଷା ହେଉଛି ଉନ୍ନତ ସମାଜ ଗଠନର ମୂଳଭିତ୍ତି, କିନ୍ତୁ ଯେତେବେଳେ ମୌଳିକ ସୁବିଧାର ଅଭାବରେ ଏହି ଶିକ୍ଷା ବ୍ୟବସ୍ଥା ଅସ୍ଥିର ହୋଇପଡ଼େ, ସେଥିରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଭୀର ସଂକଟରେ ପଡ଼ିଥାଏ। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କାନ୍ଠିଅଭଉଁରୀ ପଞ୍ଚାୟତ ଅଧୀନରେ ଥିବା ରଣସିଂହପୁର ଆଶ୍ରମ ବିଦ୍ୟାଳୟ ଏହି ଦୟନୀୟ ପରିସ୍ଥିତିର ଏକ ସ୍ପଷ୍ଟ ଉଦାହରଣ ଭାବେ ଆଜି ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି। ୧୯୫୫ ମସିହାରେ ପ୍ରତିଷ୍ଠିତ ଏହି ପୁରାତନ ଆଶ୍ରମ ବିଦ୍ୟାଳୟରେ ଶିଶୁ ବାଟିକାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୯ଟି ଶ୍ରେଣୀରେ ପ୍ରାୟ ୨୦୫ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ତେବେ ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ପଢ଼ାଇବା ପାଇଁ କେବଳ ୩ ଜଣ ଶିକ୍ଷକପ୍ରଧାନ ଶିକ୍ଷକ ଦେବବ୍ରତ ଜେନା, ସହକାରୀ ଶିକ୍ଷକ ମନୋରଞ୍ଜନ ସିଂ ଓ ଶିକ୍ଷୟିତ୍ରୀ ସ୍ମୃତିପ୍ରଜ୍ଞା ବେହେରା ନିଯୁକ୍ତ ଅଛନ୍ତି। ଏହି ସଂଖ୍ୟା ନିଶ୍ଚୟ ଶିକ୍ଷା ବ୍ୟବସ୍ଥା ପାଇଁ ଅତ୍ୟନ୍ତ ଅପର୍ଯ୍ୟାପ୍ତ, ଯାହା ଫଳରେ ଶିକ୍ଷାଦାନ କାର୍ଯ୍ୟ ବ୍ୟାପକ ଭାବେ ପ୍ରଭାବିତ ହେଉଛି। ଏହା ସହିତ, ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶ୍ରେଣୀଗୃହ ନ ଥିବାରୁ ଛାତ୍ରଛାତ୍ରୀ

**● ଶିକ୍ଷକ ଅଭାବ, ଶ୍ରେଣୀଗୃହ ଓ ଛାତ୍ରୀନିବାସ ସଂକଟ**

**● ପ୍ରଶାସନିକ ଅବହେଳାରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନିଶ୍ଚିତ**

ଶୟନାଗାର ମଧ୍ୟରେ ବସି ପାଠ ପଢ଼ିବାକୁ ବାଧ୍ୟ ହେଉଛନ୍ତି। ଏହି ପରିସ୍ଥିତି ଶିକ୍ଷା ପରିବେଶକୁ ଅନୁକୂଳ କରୁନଥିବା ସହିତ ଛାତ୍ରଛାତ୍ରୀଙ୍କ ମନୋବଳକୁ ମଧ୍ୟ ଅସ୍ଥିର କରୁଛି। ବିଶେଷକରି ଛାତ୍ରୀମାନଙ୍କ ସ୍ଥିତି ଅଧିକ ଚିନ୍ତାଜନକ। ଅନୁସୂଚିତ ଜନଜାତିର ପ୍ରାୟ ୮୦ ଜଣ ଛାତ୍ରୀ ଏଠାରେ ଅଧ୍ୟୟନ କରୁଥିବା ସତ୍ତ୍ୱେ ସେମାନଙ୍କ ପାଇଁ ଏକ ସ୍ଥାୟୀ ଓ ସୁରକ୍ଷିତ ଛାତ୍ରୀନିବାସ ନାହିଁ। ଯଦିଓ ୨୦୨୩।୨୪ ଶିକ୍ଷାବର୍ଷରେ ୧୨୦ ଶଯ୍ୟା ବିଶିଷ୍ଟ ଏକ ନୂତନ ଛାତ୍ରୀନିବାସ ନିର୍ମାଣ ପାଇଁ ପ୍ରାୟ ୩ କୋଟି ଟଙ୍କା ମଞ୍ଜୁର ହୋଇଥିବା କଥା ପ୍ରଧାନ ଶିକ୍ଷକ ଶ୍ରୀ ଜେନା ଜଣାଇଛନ୍ତି, କିନ୍ତୁ ଦୁଃଖର ବିଷୟ ହେଉଛି ଏପର୍ଯ୍ୟନ୍ତ ସେହି କାମ ଆରମ୍ଭ ହେବାର କୌଣସି ଚିହ୍ନ ଦେଖାଯାଇନାହିଁ। ସୂଚନା ଅନୁଯାୟୀ, ଏହି ନିର୍ମାଣ କାର୍ଯ୍ୟର ଦାୟିତ୍ୱ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦିଆଯାଇଥିଲେ ମଧ, ପ୍ରଶାସନୀୟ ଅବହେଳା ଯୋଗୁଁ ପ୍ରକଳ୍ପଟି କାଗଜପତ୍ରରେ ସୀମିତ ହୋଇରହିଛି। ଏହାଛଡ଼ା ବିଦ୍ୟାଳୟରେ ଶୌଚାଳୟ, ବେଞ୍ଚ-ଡେସ୍କ ଓ ଅନ୍ୟାନ୍ୟ ଆବଶ୍ୟକ ଉପକରଣର ଭାରୀ ଅଭାବ ରହିଛି। ପୁରୁଣା ବେଞ୍ଚ ଓ ଡେସ୍କଗୁଡ଼ିକ ଭାଙ୍ଗିଯାଇଥିବା ବେଳେ ଛାତ୍ରଛାତ୍ରୀମାନେ ଅସୁବିଧାରେ ପାଠପଢ଼ା କରୁଛନ୍ତି। ଡିଜିଟାଲ ଶିକ୍ଷା ପାଇଁ ଇ-ଲ୍ୟାବ ସୁବିଧା ଏଠାରେ ସ୍ୱପ୍ନ ସଦୃଶ ରହିଛି। ଏହି ସମସ୍ୟାଗୁଡ଼ିକ ନେଇ ଭୋଗରାଇ ବ୍ଲକରେ ଅନୁଷ୍ଠିତ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁକ୍ତ ଜନଶୁଣାଣିରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ ଏପର୍ଯ୍ୟନ୍ତ କୌଣସି ପ୍ରଭାବଶୀଳ ପଦକ୍ଷେପ ଗ୍ରହଣ ହୋଇନାହିଁ। ସ୍ଥାନୀୟ ଲୋକମାନେ ଓ ଅଭିଭାବକମାନଙ୍କ ମଧ୍ୟରେ ଏନେଇ ଗଭୀର ଅସନ୍ତୋଷ ଦେଖାଯାଉଛି। ସେମାନଙ୍କ ଦାବି, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଏହି ଆଶ୍ରମ ବିଦ୍ୟାଳୟ ପ୍ରତି ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି, ନୂତନ ଶ୍ରେଣୀଗୃହ ଓ ଛାତ୍ରୀନିବାସ ନିର୍ମାଣ ସହ ମୌଳିକ ସୁବିଧା ଯଥାଶୀଘ୍ର ପ୍ରଦାନ କରାଯାଉ। ଶିକ୍ଷା ଓ ସୁରକ୍ଷା ଯେଉଁଠାରେ ପ୍ରଥମ ପ୍ରାଥମିକତା ହେବା ଉଚିତ, ସେଠାରେ ଏପରି ଅବହେଳା ନିଶ୍ଚୟ ଚିନ୍ତାଜନକ। ଏହିପରି ସ୍ଥିତିରେ ପ୍ରଶାସନ କେବେ ସଚେତନ ହେବ ଓ ରଣସିଂହପୁର ଆଶ୍ରମ ବିଦ୍ୟାଳୟର ସମସ୍ୟା କେବେ ଦୂର ହେବ ସାଧାରଣ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

